

କାମନା ରୂପକ ତୃଷ୍ଣା କେବେହେଲେ ମେଣ୍ଟେନାହିଁ।

-ସିସେରୋ



# କରୋନା ପାଇଁ ବସିଲା ଟାସ୍କଫୋର୍ସ ବୈଠକ



ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ବୈଠକ ଚାଲିଛି।

କୋରାପୁଟ, ୮।୩(ସ୍ୱ.ପ୍ର.)

ସାରା ଦେଶରେ କରୋନାକୁ ନେଇ ଚିନ୍ତା ବଢ଼ିଛି। ସରକାର ସମସ୍ତ ଜିଲା ପ୍ରଶାସନକୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ, ଜୟପୁର ଜିଲା ଚିକିତ୍ସାଳୟରେ ସମ୍ଭାବ୍ୟ କରୋନା ଆକ୍ରାନ୍ତଙ୍କୁ ରଖିବା ପାଇଁ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ କରାଯାଇଛି। ଶିକ୍ଷା ଓ ମଙ୍ଗଳ ବିଭାଗ ପରିଚାଳିତ ବିଦ୍ୟାଳୟ ଓ ହଷ୍ଟେଲରେ କୌଣସି ଅନ୍ତେବାସୀଙ୍କୁ କାଶ ଓ ଛିଙ୍କ ହେଲେ ବିଦ୍ୟାଳୟ ନ ଆସିବା ପାଇଁ କୁହାଯାଇଛି। ଏହାସହ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଥଣ୍ଡା, କାଶ ଔଷଧ ଓ ମାସ୍କ ଆବଶ୍ୟକ ପରିମାଣରେ ମହଜୁଦ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତା ସୋମବାର ସୁଇଜରଲାଣ୍ଡ, ବେଲଜିୟମ ଓ ଥାଇଲାଣ୍ଡର ୧୨ ଜଣ ପର୍ଯ୍ୟଟକ କୋରାପୁଟ ଜିଲାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ତୁରନ୍ତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଜିଲାର ଜୟପୁର, କୋରାପୁଟ ଓ ସେମିଳିଗୁଡ଼ାରେ ବିଭିନ୍ନ ହୋଟେଲକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖିବାକୁ ନିଷ୍ପତ୍ତି ହୋଇଛି। ଜିଲାର ନିଲାବାଡ଼ିରେ ଚାଲିଥିବା ଅଗ୍ନି ଗଙ୍ଗାମା ଯାତ୍ରା ଓ ଅନ୍ୟ ପର୍ବରେ ବହୁସଂଖ୍ୟାରେ ଜନସମାଗମ ଥିବାରୁ ସେଠାରେ ମାଇକ ଯୋଗେ ପ୍ରଚାର ପ୍ରସାର କରାଯିବ। ଏହି ବୈଠକରେ ସିଡିଏମ୍‌ଓ ଡା. ମକରାନନ୍ଦ ବେଉରା, ଏଡିଏମଓ ଡା. ଅରୁଣ ପାଢ଼ୀ, ଡିଆରଡିଏ ପିଡି ପ୍ରବୀର ନାୟକ, ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାଶ, ଜିଲା ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ ବିଶ୍ୱାଳ, ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ଉପସ୍ଥିତ ଥିଲେ।

**କରୋନା ଭୟ**

## ହୋଟେଲରେ ୩ ବିଦେଶୀ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଜୟପୁର,୮।୩ (ଡି.ଏନ୍.ଏ.)

ସାରା ଦେଶରେ କରୋନାକୁ ନେଇ ଆତଙ୍କ ଥମୁନି। ପୂର୍ବ ପ୍ରତିକାର ଭାବେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚାର ପ୍ରସାର ଦ୍ୱାରା ସାଧାରଣ ଲୋକଙ୍କୁ ସଚେତନ କରୁଛନ୍ତି। ଏନେଇ କୋରାପୁଟ ଜିଲା ପ୍ରଶସାନ ମଧ୍ୟ ସତର୍କତା ଅବଲମ୍ବନ କରିଛି। ଜିଲାର ଜୟପୁର ସହରର ଏକ ହୋଟେଲରେ ଦୁଇଦିନ ତଳୁ ଆସି ରହିଥିବା ଫ୍ରାନ୍ସର ୩ ବିଦେଶୀ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ଶନିବାର ଓ ରବିବାର ଯାଞ୍ଚ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଜିଲା ଚିକିତ୍ସାଳୟ ଅଧୀକ୍ଷକ ଦାୟିତ୍ୱରେ ଥିବା ଡା. ଦିଲୀପ ବିଶ୍ୱାଳ ବିଦେଶୀ ପର୍ଯ୍ୟଟକଙ୍କ ଭିତରେ ଥିବା ଜଣେ ବୃଦ୍ଧା, ୨ଜଣ ବୃଦ୍ଧ, ସେମାନଙ୍କ ଭାରତୀୟ ଗାଇଡ ଓ କାର ଡ୍ରାଇଭରଙ୍କୁ ମଧ୍ୟ ଯାଞ୍ଚ କରିଛନ୍ତି। ମେଡିସିନ ବିଭାଗର ଡାକ୍ତର ବିଭୂତି ଭୂଷଣ ଜେନା ରବିବାର ପୂର୍ବାହ୍ନରେ ସମସ୍ତ ପ୍ରାଥମିକ ଯାଞ୍ଚ କରିଥିଲେ। କିନ୍ତୁ ସେଥିରେ କରୋନା ଲକ୍ଷଣ ନ ଥିବା ଜଣାପଡ଼ିଛି। ପର୍ଯ୍ୟଟକମାନେ କେଉଁ ଅଞ୍ଚଳକୁ ଯାଉଛନ୍ତି ଓ ସେମାନେ ଅସୁସ୍ଥ ହେଲେ ତୁରନ୍ତ ଚିକିତ୍ସାଳୟକୁ ସମ୍ପର୍କ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସିଡିଏମ୍‌ଓ ଡା. ମକରାନନ୍ଦ ବେଉରା ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## କୃତୀ ମହିଳାଙ୍କୁ ସମ୍ବର୍ଦ୍ଧନା




ଦାମନଯୋଡ଼ି,୮।୩(ଡି.ଏନ୍.ଏ.): ଜାତୀୟ ଆଲୁମିନା ପ୍ରକଳ୍ପ (ନାଲ୍‌କୋ)ରେ କାର୍ଯ୍ୟରତ ମହିଳା କର୍ମଚାରୀ ଓ ଭେଜାପୁଟସ୍ଥିତ ଭଗିନୀ ନିବେଦିତା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପୃଥକ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ନାଲ୍‌କୋ କର୍ମଜୀବୀ ମହିଳାଙ୍କ ପକ୍ଷରୁ ନାଲ୍‌କୋ ଟ୍ରେନିଂ ସେଣ୍ଟର ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲ୍‌କୋର ଇଡି ଇଂ ରବିଶଙ୍କର ଦାସ ମୁଖ୍ୟ ଅତିଥି, ନାଲ୍‌କୋ ଲେଡିଜ କ୍ଲବ ସଭାନେତ୍ରୀ ସୁଜାତା ପଟ୍ଟନାୟକ ସମ୍ମାନିତ ଅତିଥି, ମହାପ୍ରବନ୍ଧକ ନାଲ୍‌କୋ, ସୁଶିଲ କୁମାର ପାଢ଼ୀ ଏବଂ ମହାପ୍ରବନ୍ଧକ (ଏ.ଆର୍) ଭୀମସେନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାଙ୍ଗୀ ବ୍ଲକ ମାଳିପୁଟ ଗ୍ରାମର ତୁଳାବତୀ ମଣ୍ଡଳ ନିଜର ସମସ୍ତ ଜମି ହାଇସ୍କୁଲ ନିର୍ମାଣ ପାଇଁ ଦାନ କରିଥିବା ବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ମାଗଣା ଶିକ୍ଷାଦାନ ଲାଗି ତାଙ୍କର ନିଃସ୍ୱାର୍ଥପର ଉଦ୍ୟମ ଯୋଗୁ ନାଲ୍‌କୋ ତାଙ୍କୁ ସମ୍ମାନିତ କରିଛି। ସାମାଜିକ କର୍ମ ପାଇଁ ସରସ୍ୱତୀ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀ ସୁନନ୍ଦା ଦେବୀ ଓ ଦାମନଯୋଡ଼ି ଥାନାରେ ଏସ୍‌ଆଇ ନଳିନୀ କୁମାରୀ କହଁରଙ୍କୁ ସମ୍ମାନିତ କରାଯାଇଥିଲା। ମହାପ୍ରବନ୍ଧକ ମେଟାରିଆଲ ତୃପ୍ତି ରାୟ ସ୍ୱାଗତ ଭାଷଣ ଓ ନାଲ୍‌କୋ ଏଜିଏମ୍ ଭି. କ୍ରୀଷ୍ଣାକୁମାରୀ ଧନ୍ୟବାଦ ଦେଇଥିଲେ। ସ୍ୱାତୀ ଚାଟାର୍ଜୀ ସଙ୍ଗୀତ ଗାନ, ମିସ୍ ଲିନା ଓ ମିସ୍ ଜୟନ୍ତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିଭଳି ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରା ବାହାରିଥିଲା। 'ସୁସ୍ଥ ସମାଜ ଗଠନରେ ନାରୀର ଭୂମିକା' ଶୀର୍ଷକ ଆଲୋଚନାରେ ସଭାପତିତ୍ୱ କରିଥିଲେ ଭଗିନୀ ନିବେଦିତା ସ୍ୱୟଂସେବିକା ଗୋଷ୍ଠୀର ସମ୍ପାଦିକା କଲ୍ୟାଣୀ ସେନାପତି । ଭେଜାପୁଟର ସମିତି ସଭ୍ୟା ମିନତୀ ବାଘ, ହର୍ଷମଣି ବୋଦ୍ରୁ, ଶ୍ୟାମଳୀ ଲୋହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓକିଲ ପିତାମ୍ବର ସାହୁ, ସିଦ୍ଧେଶ୍ୱର ବଣିକ ସଂଘର ସଭାପତି କାବୁଲି ସ୍ୱାଇଁ, ଏସ୍‌ଆଇ ନଳିନୀ କୁମାରୀ କହଁର ଅତିଥି ଭାବେ ଯୋଗଦେଇ ମହିଳା ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ଚାରାଙ୍ଗୁଲ ସରଗମି ଶେଖର ଇଡିଙ୍ଗି, ଚୈତନ୍ୟ ହନ୍ତାଳ ସହଯୋଗ କରିଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ବୁଗୁଡ଼ା,୮।୩(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ଭାମସିଆଳି ଗ୍ରାମରେ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେ ହେଲେ ଭାମସିଆଳିର କାଳୁଚରଣ ଗୌଡ଼ (କାଳିଆ)। ଏ ନେଇ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ବୁଗୁଡ଼ା ଥାନାରେ ନଂ.୫୩/୨୦ରେ ଏକ ମାମଲା ରୁଜୁ ହୋଇଥିଲା । ୨୦୧୮ ମାର୍ଚ୍ଚ ୧୯ରେ ଭାମସିଆଳି ଗ୍ରାମର କାଳୁଚରଣ ଆସିକା ଥାନା ଅନ୍ତର୍ଗତ ବଡ଼ଖୋଲି ଗ୍ରାମର ଅନିତା ଗୌଡ଼ଙ୍କୁ ବିବାହ କରିଥିଲେ । ବିବାହର କିଛି ମାସ ପରେ ଶ୍ୱଶୁର ଘର ପରିବାର ଲୋକେ ଅନିତାଙ୍କୁ ୨ଲକ୍ଷ ଟଙ୍କା ଯୌତୁକ ବାବଦକୁ ଆଣିବାକୁ କହିଥିଲେ । ସେ ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ଶ୍ୱଶୁର ଘର ପକ୍ଷରୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ତେଣୁ ବାଧହୋଇ ଅନିତା ନିଜ ଘରକୁ ପଳାଇ ଆସିଥିଲେ ।

## ୧୭ ୟୁନିଟ୍ ରକ୍ତ ସଂଗ୍ରହ

ମାଲକାନଗିରି/କୋରୁକୋଣ୍ଡା, ୮।୩ (ଡି.ଏନ୍.ଏ.):

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରବିବାର କୋରୁକୋଣ୍ଡା ସଦର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ଶାନ୍ତିକରସୁଧା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରକୁ ବିଡିଓ ଦାଶରଥୀ ସରାବୁ ଉଦ୍‌ଘାଟନ କରିଥିଲେ। ମୋଟ ୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ଭାବେ ଯୋଗ ଦେଇଥିବା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ସରପଞ୍ଚ ବଂଶୀଧର ମୁଦୁଲି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ଯୋଗ ଦେଇଥିଲେ। ମହିଳାମାନେ ରକ୍ତଦାତାମାନଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ। ପରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା କର୍ମଚାରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସମ୍ମାନିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଭଲ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ଉମାଶଙ୍କର ସାହୁ ସହଯୋଗ କରିଥିଲେ।

## ସବୁଠି ପ୍ରତିଧ୍ୱନିତ ହେଲା ମହିଳାଙ୍କ ସ୍ୱର



ଜୟପୁର ସାରସ୍ୱତ ସଂସଦ ମହିଳା ଶାଖା ପକ୍ଷରୁ ମହିଳା ଦିବସ ପାଳନ କରାଯାଉଛି।

**ଅନ୍ତର୍ଜାତୀୟ ମହିଳା ଦିବସ**

ଜୟପୁର,୮।୩ (ନି.ପ୍ର./ଡି.ଏନ୍.ଏ.)

ଜୟପୁରରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଜୟପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସଭାନେତ୍ରୀ ନଳିନୀ ରଥଙ୍କ ଆହ୍ୱାନରେ ଆୟୋଜିତ ଜିଲାସ୍ତରୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ନଗର ସଭାପତି ନରି ମହାନ୍ତି, ଅଜିତ ସାନ୍ତ୍ରା, ବୁଲୁ ସାହୁ, ହସନ ମଦାନି, କାନ୍ତ ପାଢ଼ୀ, ବିନୋଦ ମହାପାତ୍ର, କୋରାପୁଟ ପୂର୍ବତନ ପୌରାଧ୍ୟକ୍ଷା ନମିତା ମାଝି, ରାମ ପାଢ଼ୀ, ଅଶୋକ ଗନ୍ତାୟତ, କୃଷ୍ଣ କୁଳଦିପ ଉପସ୍ଥିତ ଥିଲେ। ଜୟପୁର ବିଜେଡି ପକ୍ଷରୁ ଘୋଡ଼ାଶାଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେସିସି ବ୍ୟାଙ୍କ ଅଧ୍ୟକ୍ଷା ଇନ୍ଦିରା ନନ୍ଦ, ରମାକାନ୍ତ ରାଉଳ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଜୟପୁର ଅଞ୍ଚଳର ୧୦ ଜଣ ମହିଳାଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହାଯ୍ୟ' ପକ୍ଷରୁ ଆୟୋଜିତ ମହିଳା ଦିବସ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଦେଖାଇଥିବା ୩୦ରୁ ଅଧିକ ସ୍ଥାନୀୟ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିଣିପୁଟରେ ମମତା ବେହେରା ଆଦିବାସୀ ମହିଳାଙ୍କୁ ନେଇ ମହିଳା ଦିବସ ପାଳିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ କମଳା ପୂଜାରୀ ଯୋଗ ଦେଇଥିଲେ। ସେହିପରି କୁମ୍ଭାରସାହି ତ୍ରିପତି ମନ୍ଦିରରେ ମଧ୍ୟ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବା ସହ ଝୋଟି, ହୁଳହୁଳି ଭଳି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଆର୍‌ଆଇ ଅଫିସ୍ ପାଲଟିଛି ବୁଲା କୁକୁରଙ୍କ ଆଶ୍ରୟସ୍ଥଳ

କୋଲାବନଗର,୮।୩ (ଡି.ଏନ୍.ଏ.):

କୋରାପୁଟ ସଦର ତହସିଲ ଅନ୍ତର୍ଗତ ନବନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ୨୦୧୮ରେ ଶେଷ ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟାଳୟର ଉଦ୍‌ଘାଟନ ଜିଲା ପ୍ରଶାସନର ଆନ୍ତରିକତାର ଅଭାବ ପାଇଁ ହୋଇପାରୁ ନାହିଁ। ଫଳରେ ବୁଲା କୁକୁରମାନେ ଦିବାରାତ୍ର ସେଠାରେ ଆଶ୍ରୟସ୍ଥଳ ତିଆରି କଲେଣି। ବର୍ତ୍ତମାନ ଅସ୍ଥାୟୀ ଭାବରେ ଉମୁରୀ ଗ୍ରାମରେ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଫଳରେ ୩ଟି ପଞ୍ଚାୟତର ଲୋକମାନେ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତିମଧ୍ୟରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାହା ସ୍ୱାର୍ଥରେ ଖୋଲା ଯାଉନାହିଁ ଓ କାହାର ସ୍ୱାର୍ଥ ପାଇଁ କୋଲାବନଗର ବଡ଼ କେରେଙ୍ଗା ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର୍ ଧରିଛି। ଉକ୍ତ କାର୍ଯ୍ୟାଳୟ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଓ ଜନସାଧାରଣଙ୍କର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସବୁ ମହଲରେ ଦାବି ହେଉଛି। ନବନିର୍ମିତ ଗୃହଟି ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପରିଣତ ହେବାକୁ ଯାଉଛି।

## ଅଗ୍ରଗାମୀ ପକ୍ଷରୁ ମହିଳା ଦିବସ




ମହିଳା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଦଶମନ୍ତପୁର,୮।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ସଦରସ୍ଥିତ ଅଗ୍ରଗାମୀରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିକାମ୍ଭ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଇବେଣି ଜାନୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ତଥା ବରିଷ୍ଠ ନାଗରିକ କାହ୍ନୁଚରଣ ପରିଡ଼ା, ବରିଷ୍ଠ ଖବରଦାତା ଶୈଳେଶ ଏସ୍. ଖଡ଼ିଆର, ମହିଳା ମହାସଂଘ ସଭାପତି ସୁନଦେଇ ସାଉନ୍ତା ଯୋଗ ଦେଇଥିଲେ। ସେହିପରି ଟିକାମ୍ଭ, ଡୁମ୍ବାଗିଡ଼ା, ଚଣାବାଡ଼ ଭଳି ୪ଟି ପଞ୍ଚାୟତର ଶତାଧିକ ମହିଳା ଏଥିରେ ସାମିଲ ହୋଇଥିଲେ।

## ବିଜ୍ଞାନ ପ୍ରଦର୍ଶନୀ ସହ ପ୍ରତିଯୋଗିତା



ପ୍ରଦର୍ଶନୀରେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର।

ଦାମନଯୋଡି,୮।୩(ଡି.ଏନ୍.ଏ.)

ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା, ବିଜ୍ଞାନ ପ୍ରଦର୍ଶନୀ, ୱାଲ୍ ମାଗାଜିନ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀକୁ ନାଲ୍‌କୋ ମହାପ୍ରବନ୍ଧକ ଆର୍.ଏନ୍. ଉପାଧ୍ୟାୟ, ଏଜିଏମ୍ ଶଶାଙ୍କ ଶେଖର ସାହୁ, ବରିଷ୍ଠ ପ୍ରବନ୍ଧକ ପ୍ରଦୀପ କୁମାର ପାଢଯୋଶୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ମଧ୍ୟରେ ବନୀକରଣ, ବର୍ଷାଜଳ ସଂରକ୍ଷଣ ପ୍ରଦର୍ଶିତ ହୋଇଥିଲା । ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଅତିଥିମାନେ ବୁଲି ଦେଖିଥିଲେ । ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପ୍ରକାଶିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍କୁଲ ପରିଚାଳନା ସଭାପତି ବୁଲୁ ଚରଣ ଦାସ, ସମ୍ପାଦକ ଆଶିଷ ବର୍ଦ୍ଧନ, ପ୍ରଧାନଶିକ୍ଷକ କମଳାକାନ୍ତ ନାୟକ, ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## 'ବନବାସୀ ସମାଜ ଉନ୍ନତିରେ ଦେଶର ଉନ୍ନତି'

**ବନବାସୀ କଲ୍ୟାଣ ଆଶ୍ରମ ବୈଠକ**

ଜୟପୁର,୮।୩ (ନି.ପ୍ର.)

ଜୟପୁର ପଞ୍ଚବଟୀ କଲ୍ୟାଣ ମଣ୍ଡପରେ ବନବାସୀ କଲ୍ୟାଣ ଆଶ୍ରମର ବିଭାଗ ସ୍ତରୀୟ ବୈଠକ ଆୟୋଜିତ ହୋଇଛି। ଶଶିଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଭାଗର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ, ସିକିମ, ଆସାମ ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ନେଇ ଗଠିତ ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ସହ ସଙ୍ଗଠନ ମନ୍ତ୍ରୀ ବିଜୟ ମହାନ୍ତି ଯୋଗଦେଇ ଦେଶ ଗଠନରେ ବନବାସୀଙ୍କ ଭୂମିକା ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ବନବାସୀ ସମାଜର ଉନ୍ନତିରେ ହିଁ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ବନବାସୀ କଲ୍ୟାଣ ଆଶ୍ରମର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ସଂଗଠନର ସ୍ୱରୂପ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମେ' ୨ରୁ ୪ ପର୍ଯ୍ୟନ୍ତ ଜୟପୁରରେ ହେବାକୁ ଥିବା ପ୍ରାନ୍ତସ୍ତରୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ଶଶିଭୂଷଣ ପଟ୍ଟନାୟକ ବିଶଦ ଆଲୋଚନା କରିଥିଲେ। ବିଭାଗ ସଙ୍ଗଠକ ରତିକାନ୍ତ ପ୍ରଧାନ, ମାଲକାନଗିରି ଜିଲା ସମ୍ପାଦକ ଅର୍ଜୁନ ମୁଦୁଲି, ଲେଖକ ଗଙ୍ଗାଧର ନନ୍ଦ ବନବାସୀଙ୍କ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। କୋରାପୁଟ ଜିଲାର ପ୍ରଭୁଦାନ ପରଜା, ଅନାମ ନାୟକ, ଅମୂଲ୍ୟ ସାହୁ ଉପସ୍ଥିତ ଥିଲେ। ଶେଷରେ ଗ୍ରାମ ସଭାପତି ଅନନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ମହିଳା ଦିବସରେ ରକ୍ତଦାନ

ସୁନାବେଡ଼ା,୮।୩



ମହିଳା ଦିବସରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ସାମାଜିକ କର୍ମୀ ଶାନ୍ତିଲତା ପାତ୍ର ଓ ଦୁର୍ଗା ପ୍ରସାଦ ପାତ୍ର ତଥା ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିରର ଆୟୋଜିତ ହୋଇଛି। ଏଥିରେ ୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସୁନାବେଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଏହି ଶିବିରକୁ ପୌରାଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ଉପସଭାପତି ଭରତ ମଲ୍ଲିକ, ସାମାଜିକ କର୍ମୀ ଡ. ଚିତ୍ତରଞ୍ଜନ ମିଶ୍ର, ଅଜୟ ସାହୁ, ଶେଖ ଇବ୍ରାହିମ, ଡ. ନରେଶ ଚନ୍ଦ୍ର ସାହୁ, ବିଜୟ ସାହୁ ଉପସ୍ଥିତ ଥିଲେ। ଶିବିରରେ ସୁନାବେଡ଼ା ହାଲ୍ ଉପ ମହାପ୍ରବନ୍ଧକ ନବୀନ ଚନ୍ଦ୍ର ଶତପଥୀ, ଜିଲା ରକ୍ତଦାତା ପ୍ରବର୍ତ୍ତକ ଫୋରମ କର୍ମକର୍ତ୍ତା ଡା. ଉମା ଶଙ୍କର ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ, ହେମନ୍ତ ମାଝୀ, ଗଣେଶ ଚନ୍ଦ୍ର ସାହୁଙ୍କ ସମେତ ୮ ଜଣ ମହିଳା ରକ୍ତଦାନ କରିଥିଲେ। ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ସଭାପତି ଜି. ସଞ୍ଜୀବ କୁମାର, ସଦସ୍ୟ ସ୍ୱରାଜ ରାୟ, ଆନନ୍ଦ ମୌଳି ପଟ୍ଟନାୟକ, ଚିନ୍ତାମଣି ପୃଷ୍ଟି, ସଂଯୁକ୍ତାରାଣୀ ସାହୁ, ଗୀତାଞ୍ଜଳି ପାଢ଼ୀ ଶିବିର ପରିଚାଳନା କରିଥିଲେ। ଡା. ସରସ୍ୱତୀ ରାୟ, ରମେଶ ଚନ୍ଦ୍ର ପଣ୍ଡା, ଡି. ରମେଶ, କନ୍ଧ ମହାରଣା, ଜ୍ୟୋସ୍ନାରାଣୀ ବେହେରା ଓ ବର୍ଷାରାଣୀ ରାଉତ ଏଥିରେ ସହଯୋଗ କରିଥିଲେ। କୋରାପୁଟ ରକ୍ତ ଭଣ୍ଡାରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଭିନାଶ ପାଲଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗୃହୀତ ହୋଇଥିଲା।

## ମନ୍ଥର ଗତିରେ ଚାଲିଛି ୧୦ କିମିର ରାସ୍ତା

କୋଲାବନଗର,୮।୩ (ଡି.ଏନ୍.ଏ.)



ସମ୍ପୂର୍ଣ୍ଣ ହୋଇ ନ ଥିବା ରାସ୍ତା।

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ଦେବୀଘାଟ ପଞ୍ଚାୟତରେ ୨୦୧୮ରୁ ଧଉଡ଼ାପଦର ଗ୍ରାମଠାରୁ ପୋଡାପଦର ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଚାଲିଥିବା ରାସ୍ତାକାମ ମନ୍ଥର ଗତିରେ ଗଡୁଛି। ଫଳରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶଥାଉକି ଉକ୍ତ ରାସ୍ତାଟି ମାତ୍ର ୧୦ କିମି। ଏହାକୁ ଜଣେ ପ୍ରଥମ ଶ୍ରେଣୀ ଠିକାଦାରଙ୍କ ତତ୍ତ୍ୱାବଧାନରେ କରାଯାଉଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ରାସ୍ତା କାମ ଚାଲିଥିବା ସମୟରେ ଉକ୍ତ ଠିକାଦାରଙ୍କୁ ବିଳମ୍ବର କାରଣ ପଚାରି ବୁଝିବାରୁ ଜାଣିବାକୁ ମିଳିଲା ଯେ, ୧୦ କି.ମି.ର ରାସ୍ତା ସମ୍ପୂର୍ଣ୍ଣ ପଥର ଚାଞ୍ଚରା ଓ ଛୋଟ ଛୋଟ ପଥର ଗଦା ଯାହାକି କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରୁଛି। ପଥର କାଟିବାକୁ ବୁଲଡୋଜର, ଜେସିବି ଆଦି ଯନ୍ତ୍ର ଲଗାଇ ରାସ୍ତାକୁ ଆଗ ନିର୍ମାଣ କରିବାକୁ ପଡୁଛି। ଆକଳନ ଅର୍ଥଠାରୁ ତିନିଗୁଣା ଖର୍ଚ୍ଚ କରିବାକୁ ପଡୁଛି। ତଥାପି ସରକାରଙ୍କ ସହିତ ଏଗ୍ରିମେଣ୍ଟ କରିଥିବାରୁ ବାଧହୋଇ କାମକୁ କୌଣସି ପ୍ରକାରେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ କରିବାକୁ ସ୍ଥିର କରିଛୁ। ବର୍ତ୍ତମାନ ପିଚୁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏକ ଉଚ୍ଚ ମାନର କୋଲ୍‌ଡ ପିଚୁ ବ୍ୟବହାର କରାଯାଇଛି। ଏହି ପିଚୁ ୨୪ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ କାମ କରିବ ବୋଲି ରୋଡ କାର୍ଯ୍ୟ ତଦାରଖ କରୁଥିବା 'ଖ' ଠିକାଦାରଙ୍କ ତରଫରୁ ନିଯୁକ୍ତି କରାଯାଇଥିବା ଜଣେ ଅବସରପ୍ରାପ୍ତ ଅଭିଜ୍ଞ ଯନ୍ତ୍ରୀ କହିଛନ୍ତି। କାର୍ଯ୍ୟକୁ ପରିଚାଳନା କରୁଛନ୍ତି ଜୟପୁର ଆରଡି ଡିଭିଜନ। କାର୍ଯ୍ୟ ମନ୍ଥର ହେଉଥିଲେ ମଧ୍ୟ ସମସ୍ତ ଉନ୍ନତ ମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଚଳିତ ମାସ ଶେଷ ସୁଦ୍ଧା ରୋଡ କାମ ଶେଷ କରି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଠିକାଦାର ପରିଡ଼ା ସୂଚନା ପ୍ରଦାନ କରିଛନ୍ତି।

# ସକଳ ଶକ୍ତିର ଆଧାର 'ନାରୀ'

**ରାୟଗଡ଼ା ଅଫିସ, ୮।୩**


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମାର୍ଚ୍ଚ ୮ ତାରିଖକୁ ବିଶ୍ୱ ମହିଳା ଦିବସ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଜିଲାର ଅନେକ ସ୍ଥାନରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସଭା ସହ ଅନ୍ୟ କେତେକ କାର୍ଯ୍ୟକ୍ରମ କରାଯାଇଛି। ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀନିବାସ ଅଧୀକ୍ଷକ ଡ଼. ବବି ଲତା ସୋରଫଙ୍କ ସଭାପତିତ୍ୱରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧାପିକା ନନ୍ଦିତା ମହାନ୍ତି ଯୋଗ ଦେଇଥିଲେ। ମହିଳା କୋଶର ଆବାହକ କୃଷ୍ଣପ୍ରିୟା ସାହାଣୀ, ପ୍ରଶାସନିକ କୋଷାଧକ୍ଷ ପ୍ରଫେସର ଭି.ଆର ରତ୍ନଶ୍ରୀଙ୍କ ସମେତ ଅଧାପିକାମାନେ ଉପସ୍ଥିତ ଥିଲେ। ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ କହିଥିଲେ। ମହିଳାମାନେ ସ୍ୱାବଲମ୍ବୀ ହେବାକୁ ଅତିଥି ପରାମର୍ଶ ଦେଇଥିଲେ। ଏଥିସହ ଦୃଢ଼ ଇଚ୍ଛାଶକ୍ତି ରହି ଜୀବନରେ ଅଗ୍ରସର ହେବାକୁ ସେମାନେ କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ସ୍ୱରଚିତା କବିତା, କ୍ଷୁଦ୍ରଗଳ୍ପ ଓ ଚିତ୍ର ପ୍ରଦର୍ଶନ କରିଥିଲେ।

ସ୍ଥାନୀୟ ଠକ୍କର ବାପା ଆଶ୍ରମରେ ଭାରତୀୟ ମଜଦୁର ସଂଘ ଜିଲା ଶାଖା ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରେଳ ଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଠକ୍କର ବାପା ଆଶ୍ରମରେ ପହଞ୍ଚି ଥିଲା। ଅଲ୍ ଓଡ଼ିଶା ୱାକର୍ସ ଆସୋସିଏଶନ ସଭାପତି ଜୟନ୍ତୀ ପଦ୍ମାଳୟାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରଣତି ପାତ୍ର ଯୋଗ ଦେଇଥିଲେ। ଏହି ସଭାରେ ନାରୀମାନଙ୍କ ଶକ୍ତି ଏବଂ ପ୍ରଗତିକୁ ନେଇ ଆଲୋଚନା କରାଯାଇଥିଲା । ନାରୀମାନେ କେଉଁ କ୍ଷେତ୍ରରେ ବି କମ ନୁହନ୍ତି। ନାରୀ ସକଳ ଶକ୍ତିର ଆଧାର, କେବଳ ନିଜ ଶକ୍ତିକୁ ଚିହ୍ନିବାର ଆବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ। ଅଲ୍ ଓଡ଼ିଶା ଅଙ୍ଗନ ୱାଡ଼ି ୱାକର୍ସ ଆସୋସିଏଶନ ସମ୍ପାଦିକା ଉଷାରାଣୀ ଦାସ, ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ, ସମ୍ପାଦକ ଖଗେଶ୍ୱର ସିଂ, କୋଠାବାଡ଼ି ନିର୍ମାଣ ଶ୍ରମିକ ସଂଘ ସଭାପତି ଅରୁଣ ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗ ଦେଇଥିଲେ।

## ସଂକ୍ଷେପରେ



### ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ

**ଗୁଣପୁର,୮।୩(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ଡେରାସାହି ନିକଟରେ ଥିବା ମା' ସର୍ବମଙ୍ଗଳା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର ପୂଜା ରିତିନିତି ଅନୁଷ୍ଠିତ ହୋଇଥିଲା । ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନ ଯଜ୍ଞ ଭଳି କାର୍ଯ୍ୟକ୍ରମମାନ କରାଯାଇଥିଲା । ସକାଳେ ମହିଳାମାନେ କଳସଯାତ୍ରାରେ ବାହାରି ସହର ପରିକ୍ରମା କରି ମନ୍ଦିରରେ ପହଁଞ୍ଚିଥିଲେ । ଏହାପରେ ବ୍ରହ୍ମପୁରରୁ ଆସିଥିବା ପୂଜକଙ୍କ ଦ୍ୱାରା ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା ।

### ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ ଡାକ୍ତର ନିଯୁକ୍ତ

**ଗୁଣପୁର,୮।୩(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୁଇ ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନେ ହେଲେ ଡ. ପି. ଶ୍ରୀହର୍ଷ ଏବଂ ଡ. ରତ୍ନପୂର୍ଣ୍ଣା ପଟ୍ଟନାୟକ । ଏମାନଙ୍କୁ ସ୍ୱାସ୍ଥ୍ୟବିଭାଗ ନିଯୁକ୍ତି ଦେଇଥିଲେ ମଧ୍ୟ ସେମାନେ କାର୍ଯ୍ୟରେ ଯୋଗ ଦେଉଛନ୍ତି ନା ନାହିଁ ତାହା ଦେଖିବାକୁ ବାକି ରହିଲା । ବର୍ତ୍ତମାନ ଏଠାରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମିଶାଇ ୪ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ।

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ବୁଗୁଡ଼ା,୮।୩(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ ଭାମସିଆଳି ଗ୍ରାମରେ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେ ହେଲେ ଭାମସିଆଳିର କାଳୁଚରଣ ଗୌଡ଼ (କାଳିଆ)। ଏ ନେଇ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ବୁଗୁଡ଼ା ଥାନାରେ ନଂ.୫୩/୨୦ରେ ଏକ ମାମଲା ରୁଜୁ ହୋଇଥିଲା । ୨୦୧୮ ମାର୍ଚ୍ଚ ୧୯ରେ ଭାମସିଆଳି ଗ୍ରାମର କାଳୁଚରଣ ଆସିକା ଥାନା ଅନ୍ତର୍ଗତ ବଡ଼ଖୋଲି ଗ୍ରାମର ଅନିତା ଗୌଡ଼ଙ୍କୁ ବିବାହ କରିଥିଲେ । ବିବାହର କିଛି ମାସ ପରେ ଶ୍ୱଶୁର ଘର ପରିବାର ଲୋକେ ଅନିତାଙ୍କୁ ୨ଲକ୍ଷ ଟଙ୍କା ଯୌତୁକ ବାବଦକୁ ଆଣିବାକୁ କହିଥିଲେ । ସେ ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ଶ୍ୱଶୁର ଘର ପକ୍ଷରୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ତେଣୁ ବାଧହୋଇ ଅନିତା ନିଜ ଘରକୁ ପଳାଇ ଆସିଥିଲେ ।

### କୃତୀ ମହିଳାଙ୍କୁ ସମ୍ବର୍ଦ୍ଧନା

**ଦାମନଯୋଡ଼ି,୮।୩(ଡି.ଏନ୍.ଏ.):** ଜାତୀୟ ଆଲୁମିନା ପ୍ରକଳ୍ପ (ନାଲ୍‌କୋ)ରେ କାର୍ଯ୍ୟରତ ମହିଳା କର୍ମଚାରୀ ଓ ଭେଜାପୁଟସ୍ଥିତ ଭଗିନୀ ନିବେଦିତା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପୃଥକ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଛି। ନାଲ୍‌କୋ କର୍ମଜୀବୀ ମହିଳାଙ୍କ ପକ୍ଷରୁ ନାଲ୍‌କୋ ଟ୍ରେନିଂ ସେଣ୍ଟର ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲ୍‌କୋର ଇଡି ଇଂ ରବିଶଙ୍କର ଦାସ ମୁଖ୍ୟ ଅତିଥି, ନାଲ୍‌କୋ ଲେଡିଜ କ୍ଲବ ସଭାନେତ୍ରୀ ସୁଜାତା ପଟ୍ଟନାୟକ ସମ୍ମାନିତ ଅତିଥି, ମହାପ୍ରବନ୍ଧକ ନାଲ୍‌କୋ, ସୁଶିଲ କୁମାର ପାଢ଼ୀ ଏବଂ ମହାପ୍ରବନ୍ଧକ (ଏ.ଆର୍) ଭୀମସେନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାଙ୍ଗୀ ବ୍ଲକ ମାଲିପୁଟ ଗ୍ରାମର ତୁଳାବତୀ ମଣ୍ଡଳ ନିଜର ସମସ୍ତ ଜମି ହାଇସ୍କୁଲ ନିର୍ମାଣ ପାଇଁ ଦାନ କରିଥିବା ବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ମାଗଣା ଶିକ୍ଷାଦାନ ଲାଗି ତାଙ୍କର ନିଃସ୍ୱାର୍ଥପର ଉଦ୍ୟମ ଯୋଗୁ ନାଲ୍‌କୋ ତାଙ୍କୁ ସମ୍ମାନିତ କରିଛି। ସାମାଜିକ କର୍ମ ପାଇଁ ସରସ୍ୱତୀ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀ ସୁନନ୍ଦା ଦେବୀ ଓ ଦାମନଯୋଡ଼ି ଥାନାରେ ଏସ୍‌ଆଇ ନଳିନୀ କୁମାରୀ କହଁରଙ୍କୁ ସମ୍ମାନିତ କରାଯାଇଥିଲା। ମହାପ୍ରବନ୍ଧକ ମେଟାରିଆଲ ତୃପ୍ତି ରାୟ ସ୍ୱାଗତ ଭାଷଣ ଓ ନାଲ୍‌କୋ ଏଜିଏମ୍ ଭି. କ୍ରୀଷ୍ଣାକୁମାରୀ ଧନ୍ୟବାଦ ଦେଇଥିଲେ। ସ୍ୱାତୀ ଚାଟାର୍ଜୀ ସଙ୍ଗୀତ ଗାନ, ମିସ୍ ଲିନା ଓ ମିସ୍ ଜୟନ୍ତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିଭଳି ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରା ବାହାରିଥିଲା।

# ବିଜେଡିର ମିଶ୍ରଣ ପର୍ବ

**ଗୁଣପୁର,୮।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ବିଜେଡିର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ରଘୁନାଥ ଗମାଙ୍ଗ, ବିଜେଡି ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଏବଂ ଭାଜପାର ବହୁ ସଂଖ୍ୟାରେ ନେତା, କର୍ମୀ ଏବଂ ସମର୍ଥକମାନେ ଯୋଗ ଦେଇଥିଲେ। ରାମନାଗୁଡାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବୀନ ପିପଲି, ପେଣକାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଉପେନ୍ଦ୍ର ନିମାଇଲପୁରୀଙ୍କ ସହ ଭାଜପା ନେତାମାନେ ସେମାନଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଦୁଇ ନେତା ୨୦୦୯ ସାଧାରଣ ନିର୍ବାଚନ ସମୟରେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିଲେ । ପରେ ସେମାନେ ପୁଣି ଥରେ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବର୍ତ୍ତମାନ ପୁଣି ସେମାନେ ବିଜେଡିକୁ ଫେରିଛନ୍ତି । ସେମାନେ ଭାଜପା ଛାଡି ବିଜେଡିରେ ମିଶିବା ପରେ ଦଳ ଅଧିକ ମଜବୁତ ହେବ ବୋଲି ଜିଲା ସଭାପତି ଏବଂ ବିଧାୟକ କହିଥିଲେ । ଅପରପକ୍ଷେ ଭାଜପା ଜିଲାସଭାପତି ଶିବ ପଟ୍ଟନାୟକ କହିଥିଲେଯେ, ସେମାନଙ୍କୁ ଦଳ ଉଚିତ ମର୍ଯ୍ୟଦା ଦେଇଛି । ହେଲେ ସେମାନେ ବାରମ୍ବାର ଗୋଟିଏ ଦଳରୁ ଆଉ ଗୋଟିଏ ଦଳକୁ ପରିବର୍ତ୍ତନ ହେଉଛନ୍ତି । ଏହାଦ୍ୱାରା ଭାଜପାର କୌଣସି କ୍ଷତି ହେବ ନାହିଁ ବୋଲି ସେ କହିଥିଲେ । ସେହିପରି କଂଗ୍ରେସର ଯୁବ ଗୋଷ୍ଠି ବିଜେଡିରେ ଯୋଗ ଦେଇଛନ୍ତି । ସେମାନେ ସବୁ ସ୍ୱର୍ଗତ ଜିଲା ସଭାପତି ପୁରୁଷୋତ୍ତମ ଗମାଙ୍ଗ ଦୃଢ଼ ସମର୍ଥକ ରହିଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡିର ବହୁ ତୁଙ୍ଗ ନେତା ଉପସ୍ଥିତ ରହିଥିଲେ ।

# ସଂକ୍ରାମକ ରୋଗର ଉତ୍ତମ ନିରାକରଣ ଲାଗି ଜିଲାରେ ପ୍ରଥମ



ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଗୋପାଳ ପଟ୍ଟନାୟକ ଟ୍ରଫି ଏବଂ ମାନପତ୍ର ଗ୍ରହଣ କରୁଛନ୍ତି ।

## ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଗୁଣପୁର,୮।୩(ଡି.ଏନ.ଏ)**

ରାୟଗଡା ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୧୯-୨୦ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସିଡିଏମଓ ଡ.ଆର୍ତ୍ତବନ୍ଧୁ ନାୟକ, ଏଡି ପିଏଚଓ ଡ. ବିଏନଏନଏଲ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଉତ୍ତମସେବା ଯୋଗାଇଥିବା ବିଭିନ୍ନ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହିକ୍ରମରେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ମେରିଙ୍ଗି ଗାଁ କଲ୍ୟାଣସମିତି, ଭଲ ଆଶାକର୍ମୀ ଭାବେ ପୁଟାସିଂର ବୈଜୟନ୍ତ ସିଂଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଂକ୍ରାମକ ରୋଗର ଉତ୍ତମ ନିରାକରଣ ଓ ପରିଚାଳନା ପାଇଁ ଜିଲାରେ ପ୍ରଥମ ସ୍ଥାନ ରଖି ସମ୍ମାନିତ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଗୋପାଳ ପଟ୍ଟନାୟକ ଏବଂ ବିପିଏମ ସୁନିଲ ରାୟ ଏହି ସମ୍ମାନ ଗ୍ରହଣ କରିଥିଲେ । ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମାନିତ ହୋଇଥିବାରୁ ସୁପରିଣ୍ଟେଣ୍ଡେଣ୍ଟ ଡ.ହିମାଂଶୁକୁମାର ଦାସ କର୍ମଚାରୀଙ୍କୁ ଶୁଭକାମନା ଜଣାଇଛନ୍ତି ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ମୁନିଗୁଡ଼ା,୮।୩(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଦେଓକୁପୁଲି କ୍ରସର ପରିସରରେ ବିଦ୍ୟୁତ ଆଘାତରେ ଜଣେ ଟିପ୍ପର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ତାଙ୍କର ପରିଚୟ ମିଳିନାହିଁ। କ୍ରସର ପରିସରରେ ଡ୍ରାଇଭର ଜଣକ ଟିପ୍ପରକୁ ପାର୍କିଂ କରି ଗାଡ଼ିରେ ଥିବା ଟାୟାରକୁ ଅନ୍‌ଲୋଡ଼ି କରୁଥିଲେ। ଏହି ସମୟରେ ସେଠାରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଟିପ୍ପରର ଉପର ଭାଗରେ ଲାଗିଯାଇଥିଲା। ଫଳରେ ଗାଡ଼ିରେ ବସିଥିବା ଡ୍ରାଇଭର ଛିଟ୍‌କି ପଡ଼ିଥିଲେ । କ୍ରସରରେ ଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଟିପ୍ପରଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ପହଞ୍ଚି ଟିପ୍ପରରେ ଲାଗିଥିବା ନିଆଁ ଲିଭାଇଥିଲା।

# ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାରରେ ଜଙ୍ଗଲ ସୃଷ୍ଟି ଲକ୍ଷ୍ୟ

**ମୁନିଗୁଡ଼ା, ୮।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ବନାଞ୍ଚଳ ଅଧୀନ ଝିଲିଗୁଡା ଚାରା ଉତ୍ପାଦନ କେନ୍ଦ୍ରରେ ଉତ୍ତମ ଜଙ୍ଗଲ ସୃଷ୍ଟି ଏବଂ ଉନ୍ନତମାନର ଚାରା ଉତ୍ପାଦନ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର କରାଯାଇଛି। ମୁନିଗୁଡା ଫରେଷ୍ଟର ହରିଶ୍ଚନ୍ଦ୍ର ମାର୍ଥାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମୁନିଗୁଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, କଲ୍ୟାଣସିଂହପୁର ବନାଞ୍ଚଳ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ଗୁଡାରୀ ବନାଞ୍ଚଳ ଅଧିକାରୀ ସଂଘମିତ୍ରା ଭୋଇ, ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ଉଦ୍ୟାନ କୃଷି ଅଧିକାରୀ କେ.ରବି କୁମାର ଓ ସୁଧୀର କୁମାର ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ଚାରା ଉତ୍ପାଦନ ସମୟରେ କିପରି ସତର୍କତା ଅବଲମ୍ବନ କରିବାକୁ ହେବ ସେ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଥିବା ମୁନିଗୁଡା, କଲ୍ୟାଣସିଂହପୁର ଓ ଗୁଡାରୀ ରେଞ୍ଜର ବନପାଳ,ବନରକ୍ଷୀ ଓ କର୍ମଚାରୀଙ୍କୁ ବୁଝାଇଥିଲେ। ଏହାପରେ ଅତିଥିମାନେ ସେମାନଙ୍କ ରହିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବନପାଳ ଗଙ୍ଗାଧର ମିଶ୍ର ଓ ରମେଶ ରାଓ ଚାରା ଉତ୍ପାଦନ କ୍ଷେତ୍ରରେ ଲାଗୁଥିବା ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶନୀ କରିବା ସହ ଏହାର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବନପାଳ ଚନ୍ଦ୍ରଶେଖର ସାହୁ, ଗିରି ପ୍ରଧାନ, ଡମ୍ବରୁଧର ସେନାପତି, ନରେଶ କୁମାର ପଣ୍ଡା, ଜୟଦେବ ନାୟକ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଥଣ୍ଡା, କାଶ ରୋଗୀଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ

## ଭାକୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟରେ ସଚେତନତା ସଭା



କରୋନା ଭାଇରସ୍ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଉଛି।

**ରାୟଗଡ଼ା ଅଫିସ,୮।୩**

କରୋନା ଭାଇରସ୍ ସମ୍ପର୍କୀୟ ଏକ ସଚେତନତା ସଭା ଭାକୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷକ ଦ୍ୱିତୀ ଚାନ୍ଦ ସାହୁ କରୋନା ରୋଗର ଭୟାବହତା ଏବଂ ଏହାର ପ୍ରତିଷେଧକ ବିଷୟରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି କରାଯାଇଥିବା ସ୍ୱାସ୍ଥ୍ୟ ସୂଚନା ରିପୋର୍ଟ, ପ୍ରଚାରପତ୍ର ସହ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଛିଙ୍କ, କାସ ଓ ସର୍ଦ୍ଦି ଏବଂ ଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ଏହି ରୋଗର ଲକ୍ଷଣ। ଏଭଳି ଲକ୍ଷଣ ଥିବା ରୋଗୀଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହା ଛଡ଼ା କର ମର୍ଦ୍ଦନ, ଗହଳୀସ୍ଥାନକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟସ୍ତରରେ ସଫା ସୁତୁରା ରହିବା, ଥଣ୍ଡା ଓ କାଶ ହେଲେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ସଚେତନତା ପୋଷ୍ଟର ମଧ ଲାଗିଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବିଜ୍ଞାନ ପ୍ରଦର୍ଶନୀ ସହ ପ୍ରତିଯୋଗିତା

**ଦାମନଯୋଡି,୮।୩(ଡି.ଏନ୍.ଏ.)**

ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା, ବିଜ୍ଞାନ ପ୍ରଦର୍ଶନୀ, ୱାଲ୍ ମାଗାଜିନ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀକୁ ନାଲ୍‌କୋ ମହାପ୍ରବନ୍ଧକ ଆର୍.ଏନ୍. ଉପାଧ୍ୟାୟ, ଏଜିଏମ୍ ଶଶାଙ୍କ ଶେଖର ସାହୁ, ବରିଷ୍ଠ ପ୍ରବନ୍ଧକ ପ୍ରଦୀପ କୁମାର ପାଢୋଶୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ମଧ୍ୟରେ ବନୀକରଣ, ବର୍ଷାଜଳ ସଂରକ୍ଷଣ ପ୍ରଦର୍ଶିତ ହୋଇଥିଲା । ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଅତିଥିମାନେ ବୁଲି ଦେଖିଥିଲେ । ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପ୍ରକାଶିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଉତ୍କଳ ଆଲୁମିନା କମ୍ପାନୀରେ ଶ୍ରମିକ ମୃତ

## କ୍ଷତିପୂରଣ ଦାବିରେ ଧାରଣା

**ଟିକିରି,୮।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଝାଡ଼ଖଣ୍ଡର ରମେଶ ଯାଦବ(୨୬) । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ଏକ ମାମଲା(୪୬/୨୦) ରୁଜୁ କରି ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ କ୍ଷତିପୂରଣ ଦାବିରେ ଉତ୍କଳ ଆଲୁମିନାର କମ୍ପାନୀ ପରିସରରେ ଅନ୍ୟ ଶ୍ରମିକମାନେ ଧାରଣାରେ ବସିଥିଲେ । ରମେଶ ଟ୍ରକ୍‌ରୁ ଜିନିଷ ଅନ୍‌ଲୋଡିଂ କରୁଥିଲେ । ଏହି ସମୟରେ ଉକ୍ତ ଜିନିଷ ତାଙ୍କ ଦେହରେ ବାଜିବାରୁ ସେ ଗୁରୁତର ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ରାୟଗଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀମାନେ ।

# ବିଶ୍ୱ ମହିଳା ଦିବସ ପାଳିତ

**ଗୁଣପୁର,୮।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ବିଶ୍ୱ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି । ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ, କଲେଜ ଅଧ୍ୟକ୍ଷ ସୁଜାତା ଦାସ ଏବଂ ଆଇନଜୀବୀ ରମେଶଚନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କ ନିମନ୍ତେ ଥିବା ଆଇନର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ । କିପରି ମହିଳାଙ୍କ ସୁରକ୍ଷା, ଲାଳନ ପାଳନ, ପାଠ ପଢା ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ସୁବିଧା ଓ ଯୋଜନା କରିଛନ୍ତି ସେ ଉପରେ କହିବା ସହ ଏହାର ସୁବିଧା ଉଠାଇବା ପାଇଁ ଆହ୍ୱାନ କରିଥିଲେ ।

# ଅସ୍ୱାସ୍ଥ୍ୟକର ପରିବେଶରେ ୱାର୍ଡ ନମ୍ବର ୧୯ ବାସିନ୍ଦା

**ରାୟଗଡ଼ା ଅଫିସ, ୮।୩**


ଜଣେ ବ୍ୟକ୍ତି ଡ୍ରେନରୁ ପଙ୍କ ସଫା କରୁଛନ୍ତି।


ଜି. କ୍ରିଷ୍ଣା ରାଓ


ଏନ୍ ଭାରତୀ

- ଡ୍ରେନେଜ ବ୍ୟବସ୍ଥା ନାହିଁ
- ରାସ୍ତାରେ ଭାସୁଛି ମଇଳା ପାଣି

ସ୍ୱଚ୍ଛ ପରିବେଶ ମଣିଷକୁ ସୁଖ, ସମୃଦ୍ଧି ଆଣିଦିଏ। ପ୍ରଗତିର ଏଭଳି ବାର୍ତ୍ତା ନେଇ ରାୟଗଡ଼ା ପୌରପରିଷଦର ଏକ ଗାଡ଼ି ଲୋକଙ୍କୁ ପ୍ରତିଦିନ ସଚେତନ କରୁଛି। ସ୍ୱଚ୍ଛ ପରିବେଶ ପାଇଁ ଲକ୍ଷାଧିକ ଟଙ୍କା ମଧ ବ୍ୟୟ କରାଯାଉଛି। କିନ୍ତୁ ଏହାର ସଫଳ ରୂପାୟନ ହେଉ ନ ଥିବା ରାୟଗଡ଼ା ସହରର ୧୯ ନମ୍ବର ୱାର୍ଡକୁ ଦେଖିଲେ ମନେହେବ। ୱାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସେଠାରେ ମଇଳା ପାଣି ସବୁ ଜମି ରହୁଛି। ଫଳରେ ଲୋକେ ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଅଭିଯୋଗ ହେଉଛି।

ସହରର କସ୍ତୁରୀନଗର ୧୧ ନମ୍ବର ଲେନ୍, ଯାହାକି ୭ବର୍ଷ ତଳେ ୧୯ ନମ୍ବର ୱାର୍ଡର ମାନ୍ୟତା ପାଇଛି। ଏଠାରେ କିନ୍ତୁ ଆଜି ପର୍ଯ୍ୟନ୍ତ ଡ୍ରେନେଜ ଓ ପାଣି ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଇ ପାରିଲା ନାହିଁ। ଏହି ୱାର୍ଡରେ ପ୍ରାୟ ୧ଶହ ପରିବାର ବସବାସ କରୁଛନ୍ତି। ସେମାନଙ୍କ ଶୌଚ, ବାସନ ମଜା ପାଣି ସବୁ ରାସ୍ତାରେ ଭାସୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି ସାହି ବାସିନ୍ଦା। କେହି କେହି ମଇଳା ପାଣି ନିଷ୍କାସନ ପାଇଁ ନିଜେ ଖୋଳ ବାଟ ବାହାର କରିଛନ୍ତି। ହେଲେ ତାହା କିଛି ବାଟ ଯାଇ ପୁଣି ଅଟକି ଯାଉଛି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସାହି ବାସିନ୍ଦା ଚାନ୍ଦା ଆଦାୟ କରି କିଛି ଲୋକଙ୍କୁ ନିୟୋଜିତ କରାଇ ଜମି ରହିଥିବା ପାଣି କାଦୁଅ ସଫା କରୁଛନ୍ତି। ଏ ନେଇ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ମୌଖିକ ଭାବେ କହିଥିଲେ ମଧ ଏହାର କୌଣସି ସୁଫଳ ମିଳୁନି ବୋଲି ସାହି ବାସିନ୍ଦା କହିଛନ୍ତି। ଏଠାରେ ଜଳ ନିଷ୍କାସନ ର ବ୍ୟବସ୍ଥା ନ ଥିବାରୁ ପାଣିଗୁଡ଼ିକ ଜମି ରହୁଛି। ଫଳରେ ଲୋକେ ଅନେକ ଲୋକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ସାହରି ଏନ୍.ଭାରତୀ (୬୦) କହିଛନ୍ତି। ଏଠାରେ ତୁରନ୍ତ ଡ୍ରେନ ନିର୍ମାଣ କରାଯାଇ ମଇଳା ପାଣି ନିଷ୍କାସନ କରାଗଲେ ମଶାଙ୍କ ପ୍ରାଦୁର୍ଭାବ କମିବ। ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଆମେ ରହୁଛୁ ବୋଲି ଜି. କ୍ରିଷ୍ଣା ରାଓ (୬୮) କହିଛନ୍ତି। ଏନେଇ ରାୟଗଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ପଚାରିବାରୁ ସାହିରେ ତୁରନ୍ତ ଡ୍ରେନେଜ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

